ଶନିବାର, ୨୦ ଏପ୍ରିଲ, ୨୦୨୪

# ପିଲାଙ୍କ ଧରିତ୍ରୀ



# ବାଣ୍ଟିବାର ଆନନ୍ଦ

ଗପ



ପିଲାମାନେ ଖେଳୁଥିଲେ ଗାଁ ଦାଣ୍ଡରେ। ହସ ଖୁସି ପାଟି ଶୁଣି ଘରୁ ବାହାରି ଆସିଲା ମାମୁନି। ତାକୁ ଦେଖୁ ଦେଖୁ ପିଲାମାନେ ତା'କୁ ମଧ ଖେଳିବା ପାଇଁ ଡାକିନେଲେ। ହେଲେ ସେଠି ଖେଳିବା ସମୟରେ ସେ ପଡ଼ିଗଲା ଓ ପିନ୍ଧିଥିବା ଡ୍ରେସଟି ଚିରିଗଲା।

ପିଲାମାନେ ଖେଳିସାରି ନିଜ ନିଜ ଘରକୁ ଚାଲିଯିବା ପରେ ସେହି ଦାଣ୍ଡରେ ଠିଆହୋଇ କାନ୍ଦିବାକୁ ଲାଗିଲା ମାମୁନି। ବୋଉ ଗାଳିଦେବ ବୋଲି ସେ ଘର ଭିତରକୁ ଯାଉ ନ ଥାଏ। ଏସବୁ ଦେଖୁଥିଲା ତା' ସାଙ୍ଗ ଟୁକୁନି। ସେ ତା' ପାଖକୁ ଆସି ପଚାରିଲା, ଏଠି ଏକୁଟିଆ ଠିଆହୋଇ କାନ୍ଦୁଛୁ କାହିଁକି? ମାମୁନି କହିଲା, ମୋର ଏଇ ଗୋଟିଏ ଭଲ ଜାମା ଥିଲା। ସେଇଟା ଚିରିଗଲା, ମୁଁ ଏବେ କ'ଣ ପିନ୍ଧିବି! ବୋଉ ଦେଖିଲେ ଗାଳିଦେବ। ଟୁକୁନି କହିଲା, ତୋର ପିନ୍ଧିବାକୁ ଆଉ ଡ୍ରେସ ନାହିଁକି?

ମାମୁନି କହିଲା ମୋର ତ' ସମୁଦାୟ ଦୁଇଟି ଡ୍ରେସ୍। ଗୋଟିଏ ଛିଣ୍ଡା ପୁରୁଣା ଆଉ ଗୋଟିଏ ଭଲ। ସେ ପୁରୁଣା ଡ୍ରେସ୍ ପିନ୍ଧି ମୁଁ ରାତିରେ ଶୋଇ ଯାଏ। ସକାଳୁ ତାକୁ ଧୋଇ ଗାଧୋଇବା ପରେ ଭଲ ଡ୍ରେସ ପିନ୍ଧେ। ଏବେ ତ' ମୋର ଦୁଇଟି ଯାକ ଡ୍ରେସ୍ ଖରାପ ହୋଇଗଲା ମୁଁ ପିନ୍ଧିବି କ'ଣ? ବୋଉ ଦେଖିଲେ ଗାଳି ଦେବ।

ଟୁକୁନି ଏକଥା ଶୁଣି ମାମୁନିକୁ ତାଙ୍କ ଘରକୁ ଡାକି ନେଲା। ତା'ର ଗୋଟିଏ ଭଲ ଡ୍ରେସ୍ ତାକୁ ପିନ୍ଧିବାକୁ ଦେଲା। ତା' ସହ ତା 'ମା'କୁ ପଚାରି ଆଉ ଗୋଟିଏ ନୂଆ ଡ୍ରେସ୍ ଦେଇ କହିଲା, ଆଜିଠୁ ଏ ଡ୍ରେସ୍ ଦୁଇଟି ତୋର। ମାମୁନି ରାଜି ହେଉ ନ ଥିଲା। କହିଲା, ନା ବୋଉକୁ ନ ପଚାରି ମୁଁ ନେବି ନାହିଁ। ଟୁକୁନି କହିଲା, ଆମେ ପରା ସାଙ୍ଗ, ଏଠି ତୋର ମୋର କ'ଣ? ଚାଲ ମୁଁ ମାଉସୀଙ୍କୁ କହିଦେବି ତୁ ମାଗିନାହୁଁ ମୁଁ ମୋ ଖୁସିରେ ତୋତେ ଦେଇଛି।

ଦୁହେଁ ମାମୁନି ଘରକୁ ଗଲେ। ସବୁ ଶୁଣି ମାମୁନି ବୋଉ ଆଖିରେ ଲୁହ ଆସିଗଲା। ସେ ଟୁକୁନିକୁ କୋଳ କରି ତା' ମୁଣ୍ଡ ଆଉଁସି ଦେଲେ। ଚୁଲି ପାଖରେ ବସି ସେ ମୁଢ଼ି ଭାଜୁଥିଲେ। ମାମୁନି ଏବଂ ଟୁକୁନିଙ୍କୁ ପାଖରେ ବସାଇ ମୁଆଁ, ଉଖୁଡା ଖାଇବାକୁ ଦେଲେ। ଏକଥା ଶୁଣି ଟୁକୁନିର ବାପା ଖୁସି ହୋଇ କହିଲେ, ଅନ୍ୟ ସହ ବାଣ୍ଟିବାରେ ଯେଉଁ ଆନନ୍ଦ ଥାଏ ଏକା ଏକା ଉପଭୋଗ କରିବାରେ ତା' ନ ଥାଏ। ତେଣୁ ସମସ୍ତେ ବାଣ୍ଟିବା ଗୁଣ ରଖିବା ଦରକାର।

**– ପ୍ରଦ୍ୟୁମ୍ନ ପଟ୍ଟନାୟକ**

ଜୟଦୁର୍ଗା ନଗର, ଭୁବନେଶ୍ୱର

ମୋ: ୯୯୬୮୨୮୦୮୯୬

## ଖିଲି ଖିଲି ହସ

ଗୋଟେ ହାତୀ ଜୀବନରେ ପ୍ରଥମ ଥର ମୂଷାକୁ ଦେଖିଲା।
ହାତୀ ମୂଷାକୁ ପଚାରିଲା ତୁମେ କିଏ ?
ମୂଷା: ମୁଁ ମୂଷା
ହାତୀ ମୂଷାକୁ : ତୁମ ବୟସ କେତେ ?
ମୂଷା: ଏକବର୍ଷ
ହାତୀ: ମୋ ବୟସ ବି ଏକବର୍ଷ, ହେଲେ ତୁମେ ତ ମୋ ଠାରୁ ବହୁତ ଛୋଟ
ମୂଷା: କାହିଁକିନା ମୁଁ ତିନିଚାରିଦିନ ହେବ ଟିକେ ଅସୁସ୍ଥ ଅଛି ।


---

ଚାରୋଟି ପିମ୍ପୁଡି ରାସ୍ତା କଡରେ ବସି କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଗୋଟିଏ ହାତୀ ସେ ବାଟ ଦେଇ ଯାଉଥିଲା। ଏହାଦେଖି ଗୋଟିଏ ପିମ୍ପୁଡି କହିଲା– ଏ ହାତୀ ତୁ ଆମ ସହିତ କୁସ୍ତି କରିବୁ ? ଆଉଗୋଟେ ପିମ୍ପୁଡି ବାହାରି କହିଲା–ଆରେ ଭାଇ ଛାଡ ଏକଥା, ସେ ତ ବେଚାରା ଏକୁଟିଆ ଆମ ସାଙ୍ଗରେ କେମିତି ଲଢ଼ିବ!

---

ପପୁ ଦିନେ ବାଇକ୍ ଚଲାଇ ରାସ୍ତାରେ ଯାଉଥିଲା। ପୋଲିସ୍ ବାଲା ପପୁର ଗାଡି ଅଟକାଇ କହିଲେ –ସଡକ ସୁରକ୍ଷା ସପ୍ତାହ ଚାଲିଛି, ତୁମକୁ ଆମ ତରଫରୁ ୨୦୦୦ପୁରସ୍କାର ରହିଛି। ତୁମେ ଏହି ପୁରସ୍କାର ଟଙ୍କା ନେଇ କରିବ କ'ଣ ?
ପପୁ: ସାର୍,ଏଥିରେ ମୋର ଡ୍ରାଇଭିଂ ଲାଇସେନ୍ସ କରିବି।

## ତୁମ ପଢ଼ିବା ପାଇଁ




**ଗଳ୍ପମାଳା:** ଏଥର ଗଳ୍ପ ସଙ୍କଳନ 'ଗଳ୍ପମାଳା'ରେ ମ୍ୟାଜିକ୍ ପେନ୍, ଭୋଜି, ଧର୍ମବ୍ୟାଧ, ବୋକା, ଦୁଇ ଅତିଥି, କୁକୁର ମଣିଷର ବନ୍ଧୁ କିପରି ହେଲା ପରି ରହିଛି କେତୋଟି ଗଳ୍ପ। ଇଲିମା କରଙ୍କ ରଚିତ ଏହି ଗଳ୍ପ ସଙ୍କଳନର ମୂଲ୍ୟ ୧୨୦ଟଙ୍କା।

ଯୋଗାଯୋଗ–ଶିଶୁକଲମ,
ବି/୯,ସହିଦ ନଗର,
ଭୁବନେଶ୍ୱର–୭୫୧୦୦୭
ମୋ: ୯୪୩୭୦୪୫୪୨୫

## ଓଟପକ୍ଷୀ

ଅନ୍ୟ ପକ୍ଷୀମାନଙ୍କ ଭଳି ଏମାନେ ଆଦୌ ଉଡ଼ିପାରନ୍ତି ନାହିଁ, କିନ୍ତୁ ଏମାନଙ୍କୁ ପକ୍ଷୀମାନଙ୍କ ଶ୍ରେଣୀରେ ନିଆଯାଏ। ଏମାନେ ଉଡ଼ିପାରନ୍ତି ନାହିଁ ସତ କିନ୍ତୁ ଖୁବ୍ ଜୋରରେ ଦୌଡି ପାରନ୍ତି। ଘଣ୍ଟା ପ୍ରତି ଏମାନେ ୭୨ରୁ ୭୫ କିଲୋମିଟର ବେଗରେ ଦୌଡ଼ିପାରନ୍ତି, ଯାହାକି ଅନ୍ୟ କୌଣସି ପକ୍ଷୀଙ୍କ କ୍ଷେତ୍ରରେ ଦେଖାଯାଏ ନାହିଁ।

- ବିଶ୍ୱର ସବୁଠୁ ବଡ଼ ଏବଂ ଓଜନିଆ ପକ୍ଷୀ ହେଉଛି ଓଟପକ୍ଷୀ। ପୁରୁଷ ଓଟପକ୍ଷୀଙ୍କ ଉଚ୍ଚତା ପ୍ରାୟ ୯ ଫୁଟ ହୋଇଥିବାବେଳେ ମାଈ ଓଟପକ୍ଷୀଙ୍କ ଉଚ୍ଚତା ପ୍ରାୟ ୬ ଫୁଟ ହୋଇଥାଏ। ଓଜନ ୧୦୦ରୁ ୧୫୦ କିଲୋଗ୍ରାମ୍ ହୋଇଥାଏ। ଏମାନେ ଗଛଲତାର ପତ୍ର ଓ ଛୋଟ କୀଟମାନଙ୍କୁ ଖାଇଥାନ୍ତି।
- ଓଟପକ୍ଷୀଙ୍କର ଦୁଇ ଗୋଡ଼ରେ ମାତ୍ର ଦୁଇଟି ଲେଖାଏ ଆଙ୍ଗୁଠି ରହିଛି। ଅନ୍ୟ ପକ୍ଷୀଙ୍କର ପ୍ରାୟ ତିନି କିମ୍ବା ଚାରୋଟି ଲେଖାଏ ଆଙ୍ଗୁଠି ରହିଥାଏ।
- ଏମାନେ ପ୍ରାୟତଃ ଏକାଠି ରହିବାକୁ ବେଶି ପସନ୍ଦ କରନ୍ତି। ସେଥିପାଇଁ ୧୦ରୁ ୧୨ ଲେଖାଏ ଦଳ ହୋଇ ଦେଖାଯାନ୍ତି। ଦଳ ହୋଇ ଏକାଠି ରହିବାର ପ୍ରକୃତି ଯୋଗୁ ସେମାନେ ପରସ୍ପରକୁ ଶତ୍ରୁଙ୍କ କବଳରୁ ରକ୍ଷା କରିବାକୁ ସକ୍ଷମ ହୋଇଥାନ୍ତି। ତେବେ ଭିନ୍ନ କଥା ହେଉଛି ଏହି ଦଳରେ ଗୋଟିଏ ପୁରୁଷ ଓ ଗୋଟିଏ ମାଈ ଓଟପକ୍ଷୀ ଦଳର ଗାଇଡ୍ ଭଳି ରହିଥାନ୍ତି। ଆତ୍ମରକ୍ଷା ପାଇଁ ଏମାନେ ଗୋଡର ବ୍ୟବହାର କରିଥାନ୍ତି।
- ବିଶ୍ୱର ସବୁଠୁ ବଡ଼ ଅଣ୍ଡା ଦେଇଥାନ୍ତି ଏହି ପକ୍ଷୀ। ଏମାନଙ୍କର ଗୋଟିଏ ଅଣ୍ଡା କୁକୁଡାଙ୍କର ପ୍ରାୟ ୨୪ଟି ଅଣ୍ଡା ସହିତ ସମାନ। ଆଉ ଓଟପକ୍ଷୀର ଅଣ୍ଡା ଖୋଳ ଏତେ ଶକ୍ତ ଯେ ଏହା ଉପରେ ଯଦି ଜଣେ ମନୁଷ୍ୟ ଛିଡା ବି ହୋଇଯାନ୍ତି ତେବେ ଏହା ଫାଟି ନ ଥାଏ। ସେଥିପାଇଁ ଅଣ୍ଡା ଫୁଟିବା ପରେ ଅଣ୍ଡାର ଖୋଳକୁ ଅନେକେ ବିଭିନ୍ନ ପ୍ରକାର ପାତ୍ର ଭଳି ବ୍ୟବହାର କରନ୍ତି କିମ୍ବା ଘରସଜ୍ଜା ଉପକରଣ ଭାବେ ମଧ ବ୍ୟବହାର କରାଯାଏ।



## ମତାମତ

▶▶ ଏଥର କବିତା ଏବଂ କହିଲ ଦେଖି ସ୍ତମ୍ଭଟି ପଢ଼ିବାକୁ ଭଲ ଲାଗିଲା।

**–ରାଜନ୍ ସାହୁ,ସୁନ୍ଦରଗଡ଼**


▶▶ ଆଇନା ସ୍ତମ୍ଭରେ ପ୍ରକାଶିତ ଫଟୋଗୁଡିକ ସୁନ୍ଦର ହେଉଛି।

**–ତିଳୋତ୍ତମା ରାଉତ, ସୋର,ବାଲେଶ୍ୱର**

▶▶ 'ସାଙ୍ଗ' ବିଷୟରୁ ପ୍ରକୃତରେ ସାଙ୍ଗ କିପରି ହେବା ଆବଶ୍ୟକ, ସେ ବିଷୟରେ କେତେକ କଥା ଜାଣିବାକୁ ମିଳିଲା।

**–ସୁମନ ନାୟକ, ନୟାଗଡ଼**

## ରଙ୍ଗ ଦିଅ



ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**

dharitrifeature@gmail.com

ପ୍ରଶଂସା ଶୁଣିବାକୁ ସମସ୍ତଙ୍କୁ ଭଲ ଲାଗେ। ଅନେକ ସମୟରେ ଏହା ଆଗକୁ ଯିବାର ପ୍ରେରଣା ବି ଦେଇଥାଏ। ହେଲେ ବେଳେବେଳେ ଏହା କ୍ଷତିକାରକ ବି ହୋଇପାରେ।

# ପ୍ରଶଂସା



କେବେ ଭଲ କାମ ପାଇଁ ତ କେବେ କିଛି ଭଲ ବ୍ୟବହାର ଅବା ଭଲ ଗୁଣ ପାଇଁ ପ୍ରଶଂସା ଶୁଣିବାକୁ ମିଳିଥାଏ। ମନକୁ ଖୁସି ଦେବା ସହ ଏହା ଆତ୍ମଶକ୍ତିକୁ ଦୃଢ଼ କରିବାରେ ସହାୟକ ହୋଇଥାଏ । ଆଉ ଅଧିକ କାମ କରିବା ପାଇଁ ବି ଏଥିରୁ ମିଳିଥାଏ ପ୍ରେରଣା। ହେଲେ କେବେ କେବେ ପ୍ରଶଂସା ବି କ୍ଷତି କରିପାରେ। କେଉଁ ସମୟରେ ପ୍ରଶଂସା କ୍ଷତିକାରକ ହୋଇପାରେ ସେକଥା ପିଲାମାନେ ସହଜରେ ବୁଝିପାରନ୍ତି ନାହିଁ। ଫଳରେ ଅନେକ ସମୟରେ କିଛି ଭୁଲ୍ ପଦକ୍ଷେପ ନେଇଥାନ୍ତି। ତେଣୁ ପ୍ରଶଂସାରେ ଖୁସି ହେବେ କିମ୍ବା ସତର୍କ ରହିବେ ସେନେଇ ବିଶ୍ଳେଷଣ କରିବା ଜରୁରୀ।

## ମିଛ ପ୍ରଶଂସା

ସାଙ୍ଗମାନେ ହୁଅନ୍ତୁ ଅବା ଅନ୍ୟ କେହି ବେଳେବେଳେ ମିଛରେ ମଧ୍ୟ ପ୍ରଶଂସା କରିଥାନ୍ତି। ଏମିତି କହି ସେମାନେ ହୁଏତ କିଛି ସ୍ୱାର୍ଥଚିନ୍ତା କରିଥାନ୍ତି ଅଥବା ପ୍ରଶଂସା ମାଧ୍ୟମରେ କିଛି ଅସୁବିଧାରେ ପକାଇବାକୁ ଚାହୁଁଥାନ୍ତି। ଯଦି ମିଛରେ କେହି ପ୍ରଶଂସା କରୁଥାନ୍ତି ତେବେ ସେକଥାକୁ କେବଳ ପ୍ରଶଂସା ଶୁଣିବା ଲୋକ ହିଁ ଜାଣିପାରିବେ। ସେ ସମୟରେ ବିଚାର କରିବା ଦରକାର ଯେ ପ୍ରକୃତରେ ତୁମେ ପ୍ରଶଂସା ଶୁଣିବାକୁ ଯୋଗ୍ୟ କି ନୁହେଁ। ପିଲାମାନେ ଏଭଳି କ୍ଷେତ୍ରରେ ଅଧିକ ସଚେତନ ରହିବା ଦରକାର। ଯଦି କେହି ସାଙ୍ଗ ଅଥବା ଅନ୍ୟ କେହି ମିଛରେ ପ୍ରଶଂସା କରୁଛି ବୋଲି ହୃଦୟଙ୍ଗମ କରୁଛ ତେବେ ସତର୍କ ହୋଇଯାନ୍ତୁ। ପ୍ରଶଂସା କରୁଥିବା ବ୍ୟକ୍ତି ନିଶ୍ଚୟ କିଛି ଖରାପ ଉଦ୍ଦେଶ୍ୟ ରଖିଥାଇପାରେ। ଆଉ ଯଦି ମିଛ ପ୍ରଶଂସାରେ ଖୁସି ହୋଇଯିବେ ତା'ହେଲେ ହୁଏତ କିଛି ଭୁଲ୍ କାମ କରିବାକୁ ବେଶି ସମୟ ଲାଗି ନ ପାରେ। ମିଛ ପ୍ରଶଂସା ଶୁଣିବା ମାତ୍ରେ ପ୍ରଥମେ ନିଜକୁ ସମୀକ୍ଷା କରନ୍ତୁ। କୌଣସି କାମ ନ କରି ଆପଣଙ୍କୁ ଯଦି ପ୍ରଶଂସା ମିଳୁଛି ତା'ହେଲେ ଅଧିକ ସଚେତନ ହୁଅନ୍ତୁ।

## ପ୍ରେରଣାଦାୟୀ ପ୍ରଶଂସା

ବେଳେବେଳେ ଆପଣ ସେଭଳି କିଛି କାମ କରି ନ ଥିବେ ମାତ୍ର ଆପଣଙ୍କୁ ଘର ଲୋକେ ପ୍ରଶଂସା କରୁଥିବେ। ଏମିତି ପ୍ରଶଂସାର ଅର୍ଥ ଘରଲୋକେ ସେଭଳି କିଛି କାମ ଆପଣଙ୍କଠାରୁ କରାଇବାକୁ ଚାହୁଁଛନ୍ତି। ମନେକର ଆପଣ ହୁଏତ ବହିପତ୍ର ସଜାଡି ରଖି ନ ଥିବେ ମାତ୍ର ଘରଲୋକେ କହିବେ କି ବହି ଥାକ ଖୁବ୍ ସୁନ୍ଦରଭାବେ ସଜା ହୋଇଛି। ଏମିତି ପ୍ରଶଂସାକୁ ମିଛ ନୁହେଁ ବରଂ ପ୍ରେରଣାଦାୟକ ପ୍ରଶଂସା କହିଲେ ଭୁଲ୍ ହେବ ନାହିଁ। ତେଣୁ ପ୍ରଶଂସା ଅନୁସାରେ କାମ କରିବା ଦରକାର ବୋଲି ବୁଝିବାକୁ ହେବ। ଅବଶ୍ୟ କେବଳ ଘରଲୋକେ ଅଥବା ଆତ୍ମୀୟମାନେ ହିଁ ଏଭଳି ପ୍ରଶଂସା କରି ପିଲାମାନଙ୍କର ଭଲ ଗୁଣକୁ ବିକାଶ କରିବାକୁ ଚାହିଁଥାନ୍ତି।

## ଅଚିହ୍ନା ଲୋକ

ବେଳେବେଳେ ଅଚିହ୍ନା ଲୋକେ ଆସି ହଠାତ୍ ପିଲାମାନଙ୍କୁ ପ୍ରଶଂସା କରିଥାନ୍ତି। ମିଠା ମିଠା କଥା କହି ସେମାନେ ନିକଟତର ହେବାକୁ ଚେଷ୍ଟା କରନ୍ତି। ଯଦି ଘର ଲୋକଙ୍କ ଅନୁପସ୍ଥିତିରେ କେହି ଏଭଳି ପ୍ରଶଂସା କରୁଛନ୍ତି କିମ୍ବା ବାହାରେ ହଠାତ୍ କେହି କିଛି ନ ଜାଣି ପ୍ରଶଂସା କରୁଛନ୍ତି ତେବେ ଆଦୌ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ସେମାନଙ୍କ କଥାରେ ପରିଚାଳିତ ହୁଅନ୍ତୁ ନାହିଁ। ଅବଶ୍ୟ କିଛି ଲୋକ ସମାଜରେ ଭଲ ଉଦ୍ଦେଶ୍ୟରେ କାମ କରିଥାନ୍ତି, କିନ୍ତୁ ପିଲାମାନଙ୍କର ସେମାନଙ୍କୁ ପରଖିନେବାର କ୍ଷମତା ନ ଥାଏ। ତେଣୁ ସେଭଳି କ୍ଷେତ୍ରରେ ନିଜ ପ୍ରଶଂସାରେ ଆଦୌ ଖୁସି ହୁଅନ୍ତୁ ନାହିଁ।

## ଅନ୍ୟକୁ ପ୍ରଶଂସା

ପ୍ରଶଂସା ଶୁଣିଲେ ନିଜେ ଯେଉଁଭଳି ଖୁସି ହୁଅନ୍ତି ଅନ୍ୟମାନଙ୍କୁ ମଧ୍ୟ ସେଭଳି ଭଲ ଲାଗିବ, ଏକଥା ଭୁଲିବା କଥା ନୁହେଁ। ତେଣୁ ନିଜ ସାଙ୍ଗ ସାଥୀ ହୁଅନ୍ତୁ ଅବା ଘର ଲୋକ ସେମାନଙ୍କର କୌଣସି ଭଲ କାମ ଦେଖିଲେ ସେମାନଙ୍କୁ ପ୍ରଶଂସା କରନ୍ତୁ। ଏପରି କଲେ ଆପଣ ଅନ୍ୟମାନଙ୍କୁ ଖୁସି ଦେବା ସହିତ ନିଜର ଏକ ଭଲ ଛବି ସୃଷ୍ଟି କରିପାରିବେ। ଏଭଳି କରିବା ଦ୍ୱାରା ଆପଣ ବି ଅନ୍ୟମାନଙ୍କର ପ୍ରଶଂସାର ପାତ୍ର ହୋଇପାରିବେ। ବିଶେଷକରି ସାଙ୍ଗମାନଙ୍କର କିଛି ଭଲ କାମକୁ ପ୍ରଶଂସା କରି ସେମାନଙ୍କୁ ଉତ୍ସାହିତ କରିବା ଦରକାର।



## ଏମାନେ କ'ଣ କରନ୍ତି

### ପ୍ରଶଂସା ସହ ସତର୍କ କରାନ୍ତି



ପରୀକ୍ଷା ରେଜଲ୍ଟ ବାହାରିଲେ ମତେ ବାବା ମାମା ସବୁବେଳେ ପ୍ରଶଂସା କରନ୍ତି। କିନ୍ତୁ ଆହୁରି ଅଧିକ ଭଲ କରିବା ପାଇଁ କୁହନ୍ତି। ହେଲେ ଜେଜେ ମତେ ପୁରା ବେଷ୍ଟ କହନ୍ତି। ସ୍କୁଲରେ ମ୍ୟାଥ୍ ସାର୍ ବି ମତେ ଖୁବ୍ ପ୍ରଶଂସା କରନ୍ତି। କିନ୍ତୁ ମୁଁ ଜାଣିଚି ଯେ ମନଦୁଃଖ ନ କରିବା ପାଇଁ ସମସ୍ତେ ଏମିତି କହନ୍ତି ଆଉ ପରେ ପୁଣି ଥରେ ସାବଧାନ କରାନ୍ତି ଯେ ଆହୁରି ଅଧିକ ନମ୍ବର ଆଣିବାକୁ ହେବ।

**-ସାନ୍ୱୀ କର,** କ୍ଲାସ-୮, ମଣ୍ଟଫର୍ଟ ସ୍କୁଲ, ଢେଙ୍କାନାଳ

### ଭଲ କାମ କଲେ ପ୍ରଶଂସା ମିଳେ



ଘରେ କିଛି ବି କାମ କଲେ ମାମା ଭାରି ଖୁସି ହୋଇଯାଏ ଆଉ ସମସ୍ତଙ୍କ ଆଗରେ ମୋର ପ୍ରଶଂସା କରେ। ସେଥିପାଇଁ ମୋର ଆହୁରି ଅଧିକ କାମ କରିବାକୁ ବି ଇଚ୍ଛା ହୁଏ। ବେଳେବେଳେ ମାମା କିଛି କାମ ମୋ ଦ୍ୱାରା କରାଇବାକୁ ଚାହୁଁଥିଲେ ବି ସେକଥା କହି ଆଗୁଆ ପ୍ରଶଂସା କରିଦିଏ। ତା'ପରେ ମୁଁ ସେସବୁ କାମ ବି କରିଦିଏ। ପ୍ରକୃତରେ ଭଲ କାମ କଲେ ପ୍ରଶଂସା ମିଳେ। ତେଣୁ ନିଜେ ଭଲ ହେବା ସହ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ସବୁବେଳେ ମନୋଭାବ ରଖିବା ଦରକାର।

**-ଅନନ୍ୟା ମହାନ୍ତି,** କ୍ଲାସ-୮, ସାଇ ଅନନ୍ତ ଇଣ୍ଟରନ୍ୟାସନାଲ ସ୍କୁଲ, ଧାମରା, ଭଦ୍ରକ

### ଭଲ କାମ କରିବାକୁ ଚେଷ୍ଟା କରେ



ପ୍ରଶଂସା ଶୁଣିଲେ ବହୁତ ଖୁସି ଲାଗେ। ତେଣୁ ସବୁବେଳେ ଭଲ କାମ କରିବା ଦରକାର। ଭଲ ପାଠ ପଢ଼ିବା, ସମସ୍ତଙ୍କୁ ଭଲ ବ୍ୟବହାର ଦେଖାଇବା ଆଉ ଗୁରୁଜନଙ୍କ କଥା ମାନିବା ଦରକାର। ତା'ହେଲେ ସମସ୍ତେ ଭଲ ପାଇବେ ଆଉ ପ୍ରଶଂସା କରିବେ ବୋଲି ମାମା କହିଛନ୍ତି। ସେଥିପାଇଁ ସବୁ ସମୟରେ ଅନ୍ୟମାନଙ୍କ ପାଇଁ କିଛି କରିବାକୁ ଚେଷ୍ଟା କରିଥାଏ। ଏବେ କମ୍ ସମୟ ପାଇଁ ସ୍କୁଲ ହେଉଥିବାରୁ ଘରେ ମାମାଙ୍କୁ ବିଭିନ୍ନ କାମରେ ସାହାଯ୍ୟ କରୁଛି।

**-ବିଶ୍ୱଜିତ୍ ପାଣି,** କ୍ଲାସ-୭, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ସତ୍ୟନଗର, ଭୁବନେଶ୍ୱର



୧



୨



୩



୪



୯




୫



୬



୭



୮



୧

ତ୍ରୀଶା ମିଶ୍ର
କ୍ଲାସ-୪, ଡିଏଭି
ପବ୍ଲିକ ସ୍କୁଲ,
ରାଜାବଗିଚା, କଟକ

୨

ସମୟ ପଣ୍ଡା
କ୍ଲାସ- ୧, ସାଇ
ଇଣ୍ଟର ନ୍ୟାସନାଲ୍
ସ୍କୁଲ, ଭୁବନେଶ୍ୱର





୩

ପ୍ରାତୀର୍ ମହାପାତ୍ର
କ୍ଲାସ-୪, ମଦର୍ସ
ପବ୍ଲିକ ସ୍କୁଲ,
ଗୋରୁଆଲ, ପୁରୀ

୪

ଶ୍ରେୟାନ ସାଇ ପ୍ରଧାନ
କ୍ଲାସ- ୧, ସେଣ୍ଟ
ଜାଭିୟର୍ସ ହାଇସ୍କୁଲ,
ସର୍ବୋଦୟନଗର, ପୁରୀ





୫

ଶୁଭଲକ୍ଷ୍ମୀ ପୃଷ୍ଟି
କ୍ଲାସ- ୭, ଶ୍ରୀମଦ ଭଗବଦ୍ ଗୀତା
ବିଦ୍ୟାମନ୍ଦିର, ନୟାପଲ୍ଲୀ,
ଭୁବନେଶ୍ୱର

୬

ଆରାଧ୍ୟା ମିଶ୍ର
କ୍ଲାସ-୫, ସେଣ୍ଟ
ଜାଭିୟର୍ସ ହାଇସ୍କୁଲ,
ଖଣ୍ଡଗିରି, ଭୁବନେଶ୍ୱର





୭

ସାଇ ଶାଶ୍ୱତୀ ସେଠୀ
କ୍ଲାସ-୭, ଆଦର୍ଶ
ବିଦ୍ୟାଳୟ, ହଂସପଡ଼ା,
ନିମାପଡ଼ା

୮

ଅନ୍ୱେଶା ପଟ୍ଟନାୟକ
କ୍ଲାସ-୫, ଡିଏଭି
ପବ୍ଲିକ ସ୍କୁଲ,
ନିମାପଡ଼ା





୯

ମିନାକ୍ଷୀ ସିଂ
କ୍ଲାସ- ୮, ବିବେକାନନ୍ଦ
ଶିକ୍ଷାକେନ୍ଦ୍ର, ବିସିପୁର,
ମୟୂରଭଞ୍ଜ



## ମାଆ

ମାଆଟି ମୋର କେଡ଼େ ନିଜର
ତା’ ପରି କେହି ନାହିଁ,
ରୋଗରେ ପଡ଼ି କାନ୍ଦିଲେ ଗଡ଼ି
କୋଳେଇ ନିଏ ସେହି।
ତାରି କୋଳେ ଜନମ ହୋଇ
ସ୍ନେହ ଆଦରେ ବଢ଼ିଲି ମୁହିଁ,
ଆଶିଷ ଲଭି ହୋଇଲି ବଡ଼
ସଂସାରେ ରଖି ଆଜି ମୁଁ ଗୋଡ଼।
ଜାଣିଲି ଏବେ କେହି ନା କେବେ
ପାରିନି ତା’ ଋଣ ଶୁଝି,
ତାହାରି କଥା ଭାବିଲେ ଏବେ
ହୋଇଯାଉଛି ମୋର ଆଖି ବୁଜି।
କେଡେ ମହତ୍ ମୋର ମାଆ ତ
ତୁଳନା ତା’ର ନାହିଁ
ସଂସାରେ ଯାର ମାଆ ନାହିଁ ତ
ସାହା ନାହିଁ ତ କେହି।
**– ଅରୁଣାବାଳା ମହାନ୍ତି**
ମୋ: ୯୪୩୭୪୮୬୭୩୩

# କବିତା

## ଚଳନ୍ତି ଠାକୁର

**ଗୁ**ରୁଜୀଙ୍କଠାରୁ ଶୁଣୁଥିଲେ ପିଲେ
ଜୀବନଦର୍ଶନ କଥା
ଅବିରାମ ଚେଷ୍ଟା ଦିଅଇ ପ୍ରତିଷ୍ଠା
ହୁଏନାହିଁ କେବେ ବୃଥା।
ଅଧ୍ୟବସାୟଟି ଆତ୍ମ ପରିଚୟ
ସୁଗମ ଭବିଷ୍ୟ ପାଇଁ
ବିନମ୍ର ସ୍ୱଭାବ ସଦା ଭକ୍ତିଭାବ
ବିଫଳ ହୁଅଇ ନାହିଁ।
ସହନଶୀଳତା ନିଃସ୍ୱାର୍ଥପରତା
କରେ ନିଷ୍କପଟ ପୁଣ
ଆତ୍ମ ବିଶ୍ଳେଷଣ କର୍ମ ପ୍ରବଣତା
ଅଟେ ପରା ଦିବ୍ୟଗୁଣ।
ସଦା ସତ୍ୟବାଣୀ ମାର୍ଜିତ ଚଳଣି
ମହନୀୟ କରିଥାଏ
କୁସଙ୍ଗ ବର୍ଜନ ଆସ୍ତିକ ଚିନ୍ତନ
ଶ୍ରଦ୍ଧାଭାଜନ କରାଏ।
ସ୍ନେହପ୍ରେମ ଦୟା ଧୈର୍ଯ୍ୟ ତ୍ୟାଗ କ୍ଷମା
ନିତ୍ୟ ଆଭୂଷଣ କର
ପିତା ମାତା ଗୁରୁ ଚଳନ୍ତି ଠାକୁର
ପୂଜୁଥିବ ନିରନ୍ତର।
**– ଶୁଭେନ୍ଦୁ କୁମାର ମହାପାତ୍ର**
ଚାଉଳିଆ,ମଙ୍ଗଳପୁର, ଯାଜପୁର
ମୋ: ୯୪୩୮୦୬୪୯୦୮

## ଗାଡ଼ି ଘୁଁ ଘୁଁ ଯାଉଛି

**ଗା**ଡ଼ି ଘୁଁ ଘୁଁ ଯାଉଛି
ଯାତ୍ରୀଙ୍କୁ ଦେଖି ରହୁଛି
ନିଜର ନିଜର ଟିକେଟ କଟାଇ
ସିଟ୍‌ରେ ବସ କହୁଛି।
ଦେହର ତାକତ ଆଣିବା ପାଇଁକି
ପାଣି ଓ ଡିଜେଲ ପିଉଛି।
ରୋଗୀ ଦୁଃଖୀ ପୁଣି ଧନୀ ଓ ଗରିବ
ସଭିଙ୍କୁ ଆନନ୍ଦେ ନେଉଛି।
ସୁଲୁ ସୁଲୁ ବାଆ ବହୁଛି
ମାଆ କୋଳରେ କୁନା ବସି ବସି
ଗୁଲୁ ଗୁଲୁ କଥା କହୁଛି।
**– ଅନନ୍ତ କୁମାର ସେନାପତି**
ବାଣ୍ଡୁପଡ଼ା, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

## ସୁଧୁରିବ ପରିବେଶ

**ତା**ପମାତ୍ରା ଏବେ ଚାଳିଶ ଟପିଲା
ଖରା ମାରେ ଟାଇଁ ଟାଇଁ,
ବାହାରକୁ ଟିକେ ବାହାରି ପଡ଼ିଲେ
ଦେହ ମାରେ ଝାଇଁ ଝାଇଁ।
ବସନ୍ତ ଋତୁରେ ଗ୍ରୀଷ୍ମର ପ୍ରଭାବ
ଦେଉଅଛି ବଡ଼ କଷ୍ଟ,
କାହାକୁ କହିବା ଆମେ ତ କରୁଛେ
ନିଜ ପରିବେଶ ନଷ୍ଟ।
ଜଳ, ବାୟୁ, ଅଗ୍ନି, ଆକାଶ, ପୃଥିବୀ
ଏହି ପଞ୍ଚ ଉପାଦାନ,
ଉଦ୍ଭିଦ ଓ ପ୍ରାଣୀଜଗତ ନିମନ୍ତେ
ସୃଜିଛନ୍ତି ଭଗବାନ।
ମଣିଷ ସମାଜ ସଚେତନ ହେଲେ
ସୁଧୁରିବ ପରିବେଶ,
ଏ ସୁନ୍ଦର ଧରା ସୁରକ୍ଷିତ ହେବ
ଲଭିବେନି କେହି କ୍ଲେଶ।
**–ମାଧବୀଲତା ଦେଈ,** ପୁରୀ
ମୋ: ୯୬୯୨୪୮୩୩୭୭

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ୩ ଦିନରେ ସବୁ ମହାଦେଶ

ମାତ୍ର ତିନି ଦିନ ମଧ୍ୟରେ ୭ଟି ମହାଦେଶ ଭ୍ରମଣ। ଶୁଣିବାକୁ ଏକଥା ଅବାସ୍ତବ ମନେ ହୋଇପାରେ। ମାତ୍ର ଏମିତି ଏକ କାମ କରି ପାରିଛନ୍ତି ଭାରତର ଦୁଇ ବନ୍ଧୁ ଡ. ଅଲ୍ଲୀ ଇରାନୀ ଓ ସୁଜୟ କୁମାର ମିତ୍ର।



୭୩ ଘଣ୍ଟା ମଧ୍ୟରେ ୭ଟି ମହାଦେଶ ଭ୍ରମଣ କରି ଉଭୟ ଗିନିଜ୍ ରେକର୍ଡ କରିଛନ୍ତି। ଅଲ୍ଲୀ ଇରାନୀ ଜଣେ ସେଲିବ୍ରିଟି ଫିଜିଓଥେରାପିଷ୍ଟ ହୋଇଥିବାବେଳେ ସୁଜୟ ଜଣେ ବ୍ୟବସାୟୀ। ଉଭୟଙ୍କର ବିଭିନ୍ନ ସ୍ଥାନ ଭ୍ରମଣରେ ପ୍ରବଳ ଆଗ୍ରହ। ତେଣୁ ସେମାନେ ଏକାଠି ହୋଇ ସାତୋଟିଯାକ ମହାଦେଶ ଭ୍ରମଣ କରିଛନ୍ତି ମାତ୍ର ୩ ଦିନ ୧ ଘଣ୍ଟା ୫ ମିନିଟ୍‌ରେ। ସବୁଠୁ କମ୍ ସମୟ ମଧ୍ୟରେ ସବୁ ମହାଦେଶ ଭ୍ରମଣ କରିପାରିଥିବାରୁ ସେମାନେ ବିଶ୍ୱ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ୨୦୨୩ ମସିହାରେ ସେ ଏହି ରେକର୍ଡ କରିବାକୁ ସକ୍ଷମ ହୋଇଥିଲେ। ତାଙ୍କ ପୂର୍ବରୁ ଏହି ରେକର୍ଡ ଆମେରିକାର ଡ. ଖୱାଲା ଅଲ୍ ରୋମାଇଥିଙ୍କ ନାଁରେ ରହିଥିଲା। ସେ ସବୁ ମହାଦେଶକୁ ୩ ଦିନ ୧୪ ଘଣ୍ଟା ୪୬ ମିନିଟ୍‌ରେ ପୂରା କରିପାରିଥିଲେ।

# ଉତ୍ତର

## ଏଥରର




- ଆମେରିକାର ଜାତୀୟ ପତାକାରେ ଥିବା ତାରାଗୁଡ଼ିକର ରଙ୍ଗ କିପରି ?
- ଆମେରିକାର ପ୍ରଥମ ରାଷ୍ଟ୍ରପତିଙ୍କ ନାମ ?
- କେଉଁ ଦେଶରେ ବହୁ ସଂଖ୍ୟାରେ କଙ୍ଗାରୁ ଦେଖାଯାନ୍ତି ?
- ଖେଳ ଜଗତରେ ‘ଏମ୍‌ଭିପି’ର ଫୁଲ୍ ଫର୍ମ ?
- ଆମେରିକାର ସବୁଠୁ ବଡ଼ ସହରର ନାମ ?

## ଗତଥରର

- ଆସାମ
- ଜି. ୱିଟେଟ୍
- ଆନ୍ଧ୍ରପ୍ରଦେଶ
- ପାଲା ପେଣ୍ଟିଂ
- ଊନବିଂଶ ଶତାବ୍ଦୀରେ



## କହିଲ ଦେଖି



ନର ଦେହେ ରହିଥାଏ,
ଅସଂଖ୍ୟ ଚିତ୍ର ସେ ତୋଳି ନିଏ
ଭଲ ମନ୍ଦ ସବୁ ଚିତ୍ର ମଲା ଯାଏ
ସାଇତି ସେ ରଖିଥାଏ।
ସପନେ ସେ ଦେଖୁଥାଏ
କହିଲ ସେ ତେବେ କିଏ ?

ଉତ୍ତର – **ଆଖି**



ପାଞ୍ଚଟି ନାମରେ ସେ ଜଣାଥାଏ
ମଣିଷ ହାତରେ ସେ ଖଞ୍ଜାଥାଏ
ତା’ ପାଇଁ କଲମ ଖଡ଼ି ଧରି ନର
କେତେ କ’ଣ ସିଏ ଲେଖି ପକାଏ
ନ ଥିଲେଟି ସିଏ ସେ ଦୁଃଖ ପାଏ
କହିଲ ପିଲାଏ ସେ ଅଙ୍ଗ କିଏ ?

ଉତ୍ତର – **ଅଙ୍ଗୁଳି**



କୋମଳ ଅଙ୍ଗ ମୁଁ ଲୁଚିକି ଥାଏ
ଖଟା ମିଠା ସ୍ୱାଦ ମୁଁ କହିଦିଏ
କହିଲ ଦେଖି କେ ମୋ ନାମ କିଏ ?

ଉତ୍ତର – **ଜିଭ**



ଛୋଟିଆ ଅଙ୍ଗଟି ବହୁ ଶକତି
ଶରୀରର ଭାର ସେ ବୁହେ ନିତି
ତା’ ଅଭାବେ ନର ଅଚଳ ହୁଏ
କହିଲ ପିଲାଏ ସେ ଅଙ୍ଗ କିଏ ?

ଉତ୍ତର – **ପାଦ**

**– ଦୀନବନ୍ଧୁ ପୋଇ**
ଗୋରଡ଼ାପାଳ, କରମୂଳ, ଢେଙ୍କାନାଳ
ମୋ: ୯୯୩୮୦୨୪୧୨



# ଏକ ଆଖିଆ କୀଟ

ବିଶ୍ୱରେ ଅନେକ ପ୍ରକାର କୀଟ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେକଙ୍କର କିଛି ନା କିଛ ବିଶେଷତ୍ୱ ରହିଛି। ଏଭଳି ଏକ କୀଟ ଅଛି ଯାହାର ଆଖି କେତୋଟି ଜାଣନ୍ତି ? ମାତ୍ର ଗୋଟିଏ। ଏହି ଏକ ଆଖିବିଶିଷ୍ଟ କୀଟଟି ହେଉଛି ସାଇକ୍ଲୋପ୍ସ। ଏହା ଦେଖିବାକୁ ବହୁତ ଛୋଟ, ଅର୍ଥାତ୍, ତାହାର ଲମ୍ୱ ମାତ୍ର ୦.୫-୩ ମିଲି ମିଟର। ଏଭଳି ବିଚିତ୍ର କୀଟ ଇଂଲଣ୍ଡରେ ଦେଖିବାକୁ ମିଳନ୍ତି। ବିଶେଷଭାବରେ ଧୀରେ ଧୀରେ ପ୍ରବାହିତ ହେଉଥିବା ପାଣି ହେଉଛି ଏମାନଙ୍କର ବାସସ୍ଥାନ। ନଦୀ, ଝରଣା କୂଳରେ ଏମାନେ ଦେଖିବାକୁ ମିଳିଥାଆନ୍ତି। କେବଳ ସେତିକି ନୁହେଁ, ଏମାନଙ୍କର ଗୋଟିଏ ଆଖିର ରଙ୍ଗ ପୁଣି ଭିନ୍ନ ଭିନ୍ନ। କେତେକ ସାଇକ୍ଲୋପ୍ସଙ୍କ ଆଖିର ରଙ୍ଗ କଳା ହୋଇଥିବା ବେଳେ ଆଉ କେତେକଙ୍କର ନାଲି। ଉକ୍ତ ଜୀବ ଅଧିକ ଦିନ ବଞ୍ଚି ନ ଥା'ନ୍ତି। ଏମାନଙ୍କର ଜୀବନକାଳ ହେଉଛି ପ୍ରାୟ ତିନି ମାସ। ତାଙ୍କର ଆଖିଟି ସେମାନଙ୍କର ମୁଣ୍ଡ ଉପରେ ଥାଏ। ଏଥିଯୋଗୁଁ ସେମାନେ ଦୂର ଜିନିଷକୁ ଖୁବ୍ ସହଜରେ ଦେଖିପାରନ୍ତି। ଏମାନଙ୍କର ମୁଣ୍ଡରେ ମାତ୍ର ପାଞ୍ଚ ଯୋଡା ଅଙ୍ଗପ୍ରତ୍ୟଙ୍ଗ ରହିଥିବା ବେଳେ ଏହାର ଶରୀରର ମଧ୍ୟ ଭାଗରେ ୭ଯୋଡା ହାତ ରହିଛି। ଏହି ନାମଟି (ସାଇକ୍ଲୋପ୍ସ) ଗ୍ରୀସର ଏକ ପୁରାଣରୁ ଆସିଅଛି।

# କଙ୍ଗାରୁ ମୂଷା

ପିଲାମାନେ ତୁମେ ତ ମୂଷା ବିଷୟରେ ଅଳ୍ପ ବହୁତ ଜାଣିଥିବ। କିନ୍ତୁ ମୂଷାର ଏକ ପ୍ରଜାତି ରହିଛି ଯିଏକି ପାଣି ବିନା ବଞ୍ଚିପାରେ! ଏହି ପ୍ରଜାତିର ମୂଷାଙ୍କୁ କଙ୍ଗାରୁ ମୂଷା କୁହାଯାଏ। ଏମାନେ ସାଧାରଣତଃ ମରୁଭୂମିରେ ଦେଖିବାକୁ ମିଳନ୍ତି। ଯେହେତୁ ମରୁଭୂମିରେ ପ୍ରାୟ ପାଣି ମିଳି ନ ଥାଏ, ତେଣୁ ଏହି ଜୀବ ପାଣି ନ ପିଇ ଅଧିକ ଦିନ ପର୍ଯ୍ୟନ୍ତ ଜୀବିତ ରହିପାରନ୍ତି। କେବଳ ଏତିକି ନୁହେଁ, ଏମାନଙ୍କର ଶରୀରରେ ପୂର୍ଣ୍ଣମାତ୍ରାରେ ପାଣି ରହିଥାଏ। ଯେଉଁ କାରଣରୁ ଅନ୍ୟ ପ୍ରାଣୀମାନେ ଏମାନଙ୍କୁ ମାରି ଖାଇ ଦେଇଥା'ନ୍ତି ଏବଂ ନିଜର ଶୋଷ ମେଣ୍ଟାଇଥା'ନ୍ତି। ଏମାନଙ୍କ ସାମ୍ନାପଟର ଗୋଡ଼ ଛୋଟ ହୋଇଥିବା ବେଳେ ମୁଣ୍ଡ ବଡ଼ ଏବଂ ଆଖି ଛୋଟ ହୋଇଥାଏ। ଏହାର ଗୋଡ଼ ଏବଂ ଲାଞ୍ଜ ଦେଖିବାକୁ ପୂରା କଙ୍ଗାରୁ ପରି। ତେଣୁ ଏହାକୁ କଙ୍ଗାରୁ ର୍ୟାଟ୍ କୁହାଯାଏ। ଏମାନଙ୍କର ମଧ୍ୟ କଙ୍ଗାରୁ ଭଳି ଥଳି ରହିଛି। କେବଳ ଏତିକି ନୁହେଁ, ଏମାନେ କଙ୍ଗାରୁ ପରି ଭଲ ଡିଆଁ ମାରିଥାଆନ୍ତି। ଏହି ମୂଷା ଏକ ସେକେଣ୍ଡରେ ପ୍ରାୟ ୬ ମିଟର ପର୍ଯ୍ୟନ୍ତ ଲମ୍ଫ ମାରିପାରେ।





# ଲୁହା ବର୍ଷା ହେଉଥିବା ଗ୍ରହ

ଆମେ ଜାଣୁ ଯେ, ଆମ ସୌରମଣ୍ଡଳରେ ଆଠଟି ଗ୍ରହ ଅଛି ଏବଂ ଏଗୁଡ଼ିକ ସୂର୍ଯ୍ୟକୁ ବିଭିନ୍ନ କକ୍ଷରେ ପରିକ୍ରମଣ କରୁଛନ୍ତି। ସୂର୍ଯ୍ୟ ହେଉଛି ଗୋଟିଏ ନକ୍ଷତ୍ର। ବିଶ୍ୱରେ ସୂର୍ଯ୍ୟ ଭଳି କୋଟି କୋଟି ନକ୍ଷତ୍ର ଅଛନ୍ତି ଏବଂ ସେହି ନକ୍ଷତ୍ରଗୁଡିକ ଚାରିପଟେ ମଧ୍ୟ ଅନେକ ଗ୍ରହ ପରିକ୍ରମଣ କରୁଛନ୍ତି। ବୈଜ୍ଞାନିକମାନେ ଆଜି ପର୍ଯ୍ୟନ୍ତ ସୌରଜଗତ ବାହାରେ ପ୍ରାୟ ପାଞ୍ଚ ହଜାର ଗ୍ରହ ଆବିଷ୍କାର କଲେଣି। ଏଗୁଡ଼ିକର ଆକାରରେ ଭିନ୍ନତା ପରିଲକ୍ଷିତ ହୁଏ। କେତେଗୁଡିଏ ଗ୍ରହରେ କିଛି ବିଚିତ୍ରତା ମଧ୍ୟ ଦେଖାଯାଏ। ଏହିପରି ଗୋଟିଏ ଗ୍ରହ ହେଉଛି 'WASP-76-ବି' ଯେଉଁଠାରେ ଲୁହା ବର୍ଷା ହେଉଛି।

ଏହି ଗ୍ରହଟି 'WASP-76' ନକ୍ଷତ୍ର ଚାରିପଟେ ଘୂରୁଛି ଏବଂ ଏହି ନକ୍ଷତ୍ରର ଏହା ହେଉଛି ଏକମାତ୍ର ଗ୍ରହ। ଏହାର ଆକାର ହେଉଛି ବୃହସ୍ପତିର ଗ୍ରହର ୧.୮୩ ଗୁଣ ଏବଂ ବସ୍ତୁତ୍ୱ ହେଉଛି ବୃହସ୍ପତିର ୯୨ ପ୍ରତିଶତ। ଏହାକୁ ୨୦୧୩ ମସିହା ଅକ୍ଟୋବର ୨୧ ତାରିଖରେ ଆବିଷ୍କାର କରାଯାଇଛି। ଏହା ସମ୍ପୂର୍ଣ୍ଣ ଗୋଲାକାର କକ୍ଷରେ ନିଜ ନକ୍ଷତ୍ର ଚାରିପଟେ ୪୪ ଘଣ୍ଟାରେ ଥରେ ଘୂରିଆସେ। ଏହା ପୃଥିବୀଠାରୁ ୬୪୦ ଆଲୋକବର୍ଷ ଦୂରରେ ଅବସ୍ଥିତ। ଆଲୋକ ଏକ ବର୍ଷରେ ଯେତେଦୂର ଗତି କରିପାରେ, ତାକୁ ଏକ ଆଲୋକବର୍ଷ କୁହାଯାଏ। ଏକ ଆଲୋକ ବର୍ଷ ହେଉଛି ୯୪୬୦୭୩୦୪୭୨୫୮୦ କିଲୋମିଟର ସହିତ ସମାନ।

WASP-76b ଗ୍ରହର ବିଶିଷ୍ଟତା ହେଉଛି ଏହାର ତାପମାତ୍ରା। ଏହାର ହାରାହାରି ତାପମାତ୍ରା ହେଉଛି ୧୯୨୦ ଡିଗ୍ରୀ ସେଲ୍‌ସିୟସ୍। ଏଣୁ ଏହାର ବାୟୁମଣ୍ଡଳରେ ଲିଥିୟମ୍, ସୋଡିୟମ୍, ମ୍ୟାଗ୍ନେସିୟମ୍ କ୍ୟାଲ୍‌ସିୟମ, ମାଙ୍ଗାନିଜ୍, ପୋଟାସିୟମ୍ ଓ ଲୁହା ଆଦି ମୌଳିକ ପଦାର୍ଥ ଆୟନ୍ ଅବସ୍ଥାରେ ଥାଏ। ଏହି ଗ୍ରହର ସର୍ବୋଚ୍ଚ ତାପମାତ୍ରା ୨୪୦୦ ଡିଗ୍ରୀ ସେଲ୍‌ସିୟସ୍ ହୋଇଥିବା ବେଳେ ସର୍ବନିମ୍ନ ତାପମାତ୍ରା ହେଉଛି ୧୪୦୦ ଡିଗ୍ରୀ ସେଲ୍‌ସିୟସ। ଏଣୁ


*"WASP-76b ଗ୍ରହର ବିଶିଷ୍ଟତା ହେଉଛି ଏହାର ତାପମାତ୍ରା। ଏହାର ହାରାହାରି ତାପମାତ୍ରା ହେଉଛି ୧୯୨୦ ଡିଗ୍ରୀ ସେଲ୍‌ସିୟସ୍। ଏଣୁ ଏହାର ବାୟୁମଣ୍ଡଳରେ ଲିଥିୟମ୍, ସୋଡିୟମ୍, ମ୍ୟାଗ୍ନେସିୟମ୍ କ୍ୟାଲସିୟମ, ମାଙ୍ଗାନିଜ୍, ପୋଟାସିୟମ୍ ଓ ଲୁହା ଆଦି ମୌଳିକ ପଦାର୍ଥ ଆୟନ୍ ଅବସ୍ଥାରେ ଥାଏ। ଏହି ଗ୍ରହର ସର୍ବୋଚ୍ଚ ତାପମାତ୍ରା ୨୪୦୦ଡିଗ୍ରୀ ସେଲ୍‌ସିୟସ୍ ହୋଇଥିବା ବେଳେ ସର୍ବନିମ୍ନ ତାପମାତ୍ରା ହେଉଛି ୧୪୦୦ ଡିଗ୍ରୀ ସେଲସିୟସ।"*



ଉପର ତାପମାତ୍ରାରେ ଲୁହା ବାଷ୍ପୀଭୂତ ହୋଇଥାଏ ଏବଂ ଜଳ ତାପମାତ୍ରାରେ ଲୁହା ଘନୀଭୂତ ହୋଇଥାଏ। ପୃଥିବୀରେ ଯେପରି ଖରାଦିନେ ଜଳ ବାଷ୍ପୀଭୂତ ହୋଇ ଆକାଶକୁ ଯାଇଥାଏ ଏବଂ ସେଠାରେ ଘନୀଭୂତ ହୋଇ ବର୍ଷା ଆକାରରେ ପଡିଥାଏ, ଠିକ୍ ସେହିପରି ଏହି ଗ୍ରହରେ ଲୁହା ବାଷ୍ପ ଘନୀଭୂତ ହୋଇ ବର୍ଷା ଆକାରରେ ପଡିଥାଏ। ଏହି ଗ୍ରହର ତାପମାତ୍ରା ଅଧିକ ହେବାର କାରଣ ହେଉଛି ଏହା ନକ୍ଷତ୍ରର ଅତି ନିକଟରେ ଅଛି। ନକ୍ଷତ୍ରଠାରୁ ଏହା ପ୍ରାୟ ୫୦ ଲକ୍ଷ କିଲୋମିଟର ଦୂରରେ ଅବସ୍ଥିତ। ବୈଜ୍ଞାନିକମାନେ ବିଶ୍ୱରେ ଏହିପରି ଅନେକ ବିଚିତ୍ର ଗ୍ରହର ସନ୍ଧାନ ପାଇଛନ୍ତି।

**– ଇଂ. ମାୟାଧର ସ୍ୱାଇଁ**
୭୦, ଲକ୍ଷ୍ମୀବିହାର ଫେଜ୍-୧, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

# ଆ ଇ ନା



ଆସ୍ମା ଅତୀକ୍ଷା ଭଦ୍ର
୮ ବର୍ଷ/ଭୁବନେଶ୍ୱର

ଆର୍ଭୀ ମହାପାତ୍ର
୮ ବର୍ଷ/ ଭୁବନେଶ୍ୱର

